# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

## ଜାକୁବ ଏକ ପ୍ରତାରକ



ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: M. Kerr; Sarah S; Alastair Paterson

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2021 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ପରମେଶ୍ୱର କେବେହେଲେ
ତୁମ ପରିବାରକୁ ଗୋଟିଏ
ସନ୍ତାନ ଦେଇଛନ୍ତି କି? କି
ଆନନ୍ଦ, ରିବିକା ଓ
ଇସ୍‌ହାକଙ୍କର ଆନନ୍ଦ
ଦ୍ୱିଗୁଣିତ ହୋଇପାରେ,

ପରମେଶ୍ୱର ସେମାନଙ୍କୁ
ଜାଆଁଳ
ସନ୍ତାନ ଦେବାକୁ
ଯାଉଛନ୍ତି ।

ସନ୍ତାନମାନେ ରିବିକାଙ୍କ ଉଦରରେ ବହୁତ କଷ୍ଟ କଲେ । ଯେତେବେଳେ ସେ ପ୍ରାର୍ଥନା କଲେ ପରମେଶ୍ୱର ତାଙ୍କୁ କହିଲେ ସେହି ଦୁଇ ସନ୍ତାନ ଦୁଇଟି ଦେଶ ହୋଇଯିବେ - ଏବଂ କନିଷ୍ଠ ଦୁହିଁଙ୍କ ...



... ମଧ୍ୟରୁ ବୃହତ୍ତର ହେବ । ନିୟମିତ ଭାବରେ ଜ୍ୟେଷ୍ଠ ହିଁ ବଡ଼ ହେବା କଥା । ସେ ଯାହା ବି ହେଉ ସନ୍ତାନମାନେ ଜନ୍ମଗ୍ରହଣ କଲେ ।



ଜାଆଁଳ ସନ୍ତାନ ମାନେ ଏକାପରି ନଥିଲେ । ଏଷୌ, ଯେ ଜ୍ୟୋଷ୍ଠ ସନ୍ତାନ, ତାଙ୍କ ଶରିରରେ ଅନେକ ଲୋମ ଥିଲା ଓ ସେ ଗୋଟିଏ ଭଲ ବଣୁଆ ଥିଲେ ।



ଯାକୁବ ଧିର ପ୍ରକୃତିର ଓ ଘରଭିତର କାର୍ଯ୍ୟ
କରିବାକୁ ପସନ୍ଦ କରୁଥିଲେ । ପିତା ଇସ୍‌ହାକ
ଜ୍ୟୋଷ୍ଠ ପୁତ୍ରଙ୍କୁ ଅଧିକ ପ୍ରେମ କଲେ । ଓ
ମାତା ଯାକୁବଙ୍କୁ ଅଧିକ ପ୍ରେମ କଲେ ।



ଗୋଟିଏ ଦିନ, ଏଷୌ ଭୋକ ଅନୁଭବ କଲା । ମତେ କିଛି ଖାଇବା ଦିଅ, ସେ ଯାକୁବଙ୍କୁ କହିଲା । ତୁମର ଜନ୍ମ ଅଧିକାର ମତେ ବିକ୍ରୟ କର, ଯାକୁବ ଦାବି କଲେ । ଏଷୌ ପ୍ରଥମଜାତ ନିମନ୍ତେ ପରମେଶ୍ୱରଙ୍କର ପ୍ରତିଜ୍ଞାକୁ ଖାତିରି କଲେନାହିଁ । ସେ ଯାକୁବ ସହିତ ଚୁକ୍ତି କଲେ । ବର୍ତ୍ତମାନ୍ ଯଦି ତାଙ୍କ ପିତାଙ୍କର ମୃତ୍ୟୁ ହୁଏ ତେବେ ଯାକୁବ ପରିବାରର ମୁଖିଆ ହେବେ ।



ସେହି ରାତ୍ରିରେ ପରମେଶ୍ୱର ଇସ୍‌ହାକଙ୍କୁ କଥା କହିଲେ । ମୁ ତୁମ୍ଭ ପିତା ଅବ୍ରାହାମଙ୍କର ପରମେଶ୍ୱର ଅଟୁ । ମୁ ତୁମ୍ଭ ସଂଗରେ ଅଛି । ମୁ ତୁମ୍ଭର ବଂଶଧରଙ୍କୁ ଆଶିର୍ବାଦ କରିବି ।



ଇସ୍‌ହାକ ପରମେଶ୍ୱରଙ୍କୁ ପୂଜାକରୁଥିଲେ ସୁଧା ତାଙ୍କର ପୁତ୍ର ଏଷୌ ବିଜାତିୟ ଗୋଷ୍ଠିରୁ ଦୁଇଟି ସ୍ତ୍ରୀଙ୍କୁ ବିବାହ କରିଥିଲେ, ଯେଉଁ ଲୋକମାନେ କି ପରମେଶ୍ୱରଙ୍କୁ ଧ୍ୟାନ ଦିଅନ୍ତି ନାହିଁ ।




ଇସ୍ହାକ ବୃଦ୍ଧାବସ୍ଥାରେ ଗତହେଲେ । ଦୟାକରି
ମୋ ପାଇଁ ତାଜା ମାଂସ ଆଣିଦିଅ, ସେ ଏଷୌକୁ
କହିଲେ । ତାପରେ ମୁଁ ତୁମ୍ଭକୁ ଆଶିର୍ବାଦ କରିବି
। ଏହି ସ୍ୱତନ୍ତ୍ର ଆଶିର୍ବାଦ ପିତାଙ୍କ ଠାରୁ...



...ଜ୍ୟଷ୍ଠପୁତ୍ରଙ୍କ ନିମନ୍ତେ ଆବଶ୍ୟକ ଥିଲା ।
ଏଷୌ  ଶିକାର କରିବା ନିମନ୍ତେ ବ୍ୟସ୍ତ
ହୋଇଗଲେ । କନ୍ତୁ ରିବିକା ସବୁକିଛି
ଶୁଣିଥିଲେ । ସେ ଚ଼ାହୁଁଥିଲେ ଯେ
ଯାକୁବ ଆଶିର୍ବାଦର ପାତ୍ର ହୁଅନ୍ତି ।



ରିବିକା ଯୋଜନା କଲା । ସେ ଶିଘ୍ର
ଇସ୍‌ହାକଙ୍କ ନିମନ୍ତେ ତାଙ୍କ
ମନପସନ୍ଦ ଖାଦ୍ୟ ପ୍ରସ୍ତୁତ କଲେ,
ଯାକୁବ ଏଷୌର ଅଙ୍ଗରଖା ପରିଧାନ
କଲେ, ଛେଳିର ଛାଲ ଘେନି ତାହା
ହସ୍ତରେ ଓ ଗଳଦେଶର ଗୁଡ଼ାଇ
ଦେଲେ । ଇସ୍‌ହାକ ଭଲରେ ଦେଖି
ପାରୁନଥିଲେ, ତେଣୁ ସେମାନେ
ତାଙ୍କୁ ସହଜରେ ବାଞ୍ଛନା
କରିପାରିଲେ ।

ଯାକୁବ ଇସ୍‌ହାକଙ୍କ ନିମନ୍ତେ ଖାଦ୍ୟ ଘେନି ଆସିଲେ । ତୁମ୍ଭର ସ୍ୱର ଯାକୁବ ପରି ଲାଘୁଛି, ଇସ୍‌ହାକ କହିଲେ, କିନ୍ତୁ ତୁମ୍ଭର ହସ୍ତ ଏଷୌର ପରି ଲାଗେ । ସେ ଖାଦ୍ୟ ଖାଇସାରିବା ପରେ, ଇସ୍‌ହାକ ତାଙ୍କ ସାମନାରେ ଆଣ୍ଠୁମାଡ଼ିଥିବା ପୁତ୍ରଙ୍କୁ ଆଶିର୍ବାଦ କଲେ ।



ଯାକୁବଙ୍କ ଚାଲିଯିବା ପରେ, ଏଷୌ ଇସ୍‌ହାକଙ୍କ ନିକଟକୁ ଆସିଲେ । ତୁମ୍ଭ ମନପସନ୍ଦର ଖାଦ୍ୟ ଏହିଠାରେ, ସେ କହିଲେ । ଇସ୍‌ହାକ ଜାଣିସାରିଥିଲେ ତାଙ୍କୁ ବାଞ୍ଛନା କରାଗଲା । ମୁ ଆଶିର୍ବାଦକୁ ବଦଳାଇ ପରିବି ନାହିଁ, ସେ କାନ୍ଦିପକାଇଲେ । ଏଷୌର ହୃଦୟରେ ଈର୍ଶ୍ୟାଭାବ ଜାତ ହେଲା । ସେ ଯାକୁବଙ୍କୁ ବଧ କରିବା ପାଇଁ ମନସ୍ଥ କଲେ ।



ଏଷୌର ଏ ପ୍ରକାର କଥା ରିବିକାର କର୍ଣ୍ଣଗୋଚର ହେଲା । ତୁମ୍ଭର ମାମୁଁଙ୍କ ନିକଟକୁ ପଳାୟନ କର, ସେ ଯାକୁବଙ୍କୁ କହିଲେ, ସେପର୍ଯ୍ୟନ୍ତ ସେଠାରେ ରୁହ ଯେ ପର୍ଯ୍ୟନ୍ତ ତୁମ୍ଭର ଭ୍ରାତା ତୁମ କରିଥିବା କାର୍ଯ୍ୟସବୁ ପାଶୋରି ନଯାଏ ।



ଯାକୁବ ତାଙ୍କ ମାତାଙ୍କ ପରିବାରରୁ
ଗୋଟିଏ ସ୍ତ୍ରୀ ପସନ୍ଦ କରିପାରନ୍ତି ବୋଲି
ଇସ୍‌ହାକ ସହମତି ପ୍ରକାଶ କଲେ ।
ତେଣୁ ଯାକୁବ ପିତାଙ୍କ ଗୃହ ଛାଡ଼ିଲେ ।



ସେହି ରାତ୍ରୀରେ, ଯାକୁବ
ଗୋଟିଏ ସ୍ଥାନରେ ଶୋଇନ
କରିବାକୁ ରହିଗଲେ ସେ ଏକ
ପ୍ରସ୍ତରକୁ ମସ୍ତକ ତଳେ ଦେଇଥିଲେ ।
ସେ ଏକାକୀ ଥିଲେ,...



...ହୋଇପାରେ ସେ ଭୟଭିତ
ଥିଲେ । କିନ୍ତୁ ସେ ଏକାକି
ନଥିଲେ । ପରମେଶ୍ୱର
ତାଙ୍କୁ ଅଦଭୁତ ଭାବରେ
ସ୍ୱପ୍ନଦ୍ୱାରା
କଥା କହିଲେ ।







ଆମ୍ଭେ ସଦାପ୍ରଭୁ
ତୁମ୍ଭ ପୂର୍ବପୁରୁଷର ଇଶ୍ୱର,
ଅବ୍ରାହାମ୍ ଓ ଇସ୍‌ହାକର
ପରମେଶ୍ୱର ଅଟୁ । ମୁଁ ତୁମ୍ଭ ସହିତ ଅଛି । ଆମ୍ଭେ ଏହି ଦେଶ
ତୁମ୍ଭକୁ ଓ ତୁମ୍ଭ ପୂର୍ବପୁରୁଷ ବଂଶକୁ ଦେବା । ତୁମ୍ଭ ପରିବାର ଦ୍ୱାରା
ଜଗତର ସମସ୍ତ ପରିବାର ଆଶିର୍ବାଦ ପ୍ରାପ୍ତ ହେବେ । ସଦାପ୍ରଭୁ କହିବା
ପରେ ଯାକୁବ ନିଦ୍ରାରୁ ଉଠିଲେ । ସେ ଭୟଭିତ ଥିଲେ ।

ଯାକୁବଙ୍କ ମାମୁଁ ତାଙ୍କୁ ଆଦରରେ ଗ୍ରହଣ କଲେ । ଯାକୁବ ତାଙ୍କର ମାମୁଁଙ୍କ ଝିଅ ରାହେଲ୍‌ଙ୍କୁ ଭଲପାଇଲେ ଓ ଲାବାନ୍‌ଙ୍କ ପାଇଁ ସାତବର୍ଷ ତାଙ୍କ ପାଖରେ ଦାସ୍ୟକର୍ମ କରିବା ପରେ ତାଙ୍କୁ ବିବାହ କରି ପାରିଥିଲେ । କିନ୍ତୁ



ସେହି ବିହାଘର ରାତ୍ରିରେ, ଲାବାନ୍ ଯାକୁବଙ୍କୁ ପ୍ରବଞ୍ଚନା କଲେ ।

ସେ ତ ଲେୟା, ରାହେଲ୍ ନୁହେଁ ଯାକୁବ ଲାବାନଙ୍କୁ କହିଲେ । ତୁମେ ମୋତେ କାହିଁକି ପ୍ରତାରଣା କଲ । ଦେଶର ନିୟମାନୁଯାୟୀ ପ୍ରଥମେ ଜ୍ୟେଷ୍ଠ କନ୍ୟାର ବିବାହ କରିବା ଆବଶ୍ୟକ, ଲାବାନ୍ କହିଲେ ।



ବର୍ତ୍ତମାନ୍ ତୁମେ ରାହେଲ୍ଙ୍କୁ ମଧ୍ୟ ବିବାହ କର ଏବଂ ଆଉ ସାତ ବର୍ଷ ମୋହର ଦାସ୍ୟକର୍ମ କର । ଯାକୁବ ମାନିଲେ । ହୋଇପାରେ ସେ ନିଜେ ଇସ୍ହାକ ଓ ଏଷୌଙ୍କ ନିମନ୍ତେ କରିଥିବା କାର୍ଯ୍ୟ ମନେ କରିଥାଇ ପାରନ୍ତି ।



ଯାକୁବଙ୍କର ଏଗାର ପୁତ୍ର ଥିଲେ । ଅନେକ ବର୍ଷ ବିତିଯିବା ପରେ, ସେ ନିଜର ସମସ୍ତ ପରିବାରକୁ କିଣାନ୍ ଦେଶକୁ ନେଇଯିବାକୁ ଇଚ୍ଛା ପ୍ରକାଶ କଲେ । ତାଙ୍କର ପିତା ମାତା ସେଠାରେ ବାସ କରୁଥିଲେ । ଏବଂ ଏଷୌ ମଧ୍ୟ ସେଠାରେ ଥିଲେ, ...



... ଯେ କି ତାଙ୍କୁ ଜୀବନରେ ମାରିବାକୁ ଶପଥ କରିଥିଲେ ।ଏହା ସୁରକ୍ଷିତ ଥିଲା କି? ଦିନେ ପରମେଶ୍ୱର ତାଙ୍କୁ ଫେରିଯିବାକୁ କହିଲେ । ଯାକୁବ ତାଙ୍କ ନିଜ ଗୃହକୁ ଯିବାକୁ ନିଜର ପରିବାର ଓ ପଶୁପଲକୁ ଏକତ୍ର କଲେ ।



ଏହା କି ପ୍ରକାରର ଯାତ୍ରା ଥିଲା ।
ଏକ୍ଷୌ ଚାରିଶହ ଲୋକଙ୍କୁ
ନେଇ ଯାକୁବଙ୍କୁ ଭେଟିବାକୁ
ଆସିଲେ, କିନ୍ତୁ ସେ ଯାକୁବର
କୌଣସି କ୍ଷତି କଲେ ନାହିଁ ।



ସେ ଯାକୁବଙ୍କୁ ଭେଟିବାକୁ ଦୌଡ଼ିଯାଇ
ତାଙ୍କୁ ଜୋରରେ କୁଣ୍ଢାଇପକାଇଲେ ।
ଏଷୌ ଓ ଯାକୁବଙ୍କ ମଧ୍ୟରେ
ପୁଣିଥରେ ବନ୍ଧୁତ୍ୱ ହେଲା, ଓ ଯାକୁବ
ନିରାପଦରେ ଘରେ ପହଞ୍ଚିଲେ ।



ଯାକୁବ ଏକ ପ୍ରତାରକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୨୫-୩୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୭